# ODISHA ADARSHA VIDYALAYA

## ADVERTISEMENT FOR ADMISSION IN TO ODISHA ADARSHA VIDYALAYAS

Applications are invited from eligible students of Odisha in prescribed format for admission into Odisha Adarsha Vidyalayas of the State, in to class VI, in the Odisha Adarsha Vidylayas opened in the academic year 2016-17 & in to class VI &VII in the Odisha Vidyalayas opened in 2017-18, directly through Common Entrance Test to be conducted on 27.03.2017 in the venues of the respective Block. The details of the admission procedure & guidelines can be down loaded from the website, i.e. www. oavs.in.

Size= 8 x 8

Sd/-

**State Project Director,**
**OAVS**

# ଓଡିଶା ଆଦର୍ଶ ବିଦ୍ୟାଳୟ , ସଂଗଠନ, ଭୁବନେଶ୍ୱର

ଏନ-୧/୯ , ନୟାପଲ୍ଲୀ , ପୋଷ୍ଟ-ସୈନିକ ସ୍କୁଲ ,ଭୁବନେଶ୍ୱର-୭୫୧୦୦୫
ଫୋନ ନଂ -୦୬୭୪-୨୩୦୧୩୨୪, E-mail-oavsbbsr.od@gov.in

## ବିଜ୍ଞାପନ

ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୧୭-୧୮ ଶିକ୍ଷା ବର୍ଷ ପାଇଁ, ୨୦୧୬ -୧୭ ମସିହାରେ ଖୋଲାଯାଇଥିବା ୧୦୦ ଗୋଟି ଆଦର୍ଶ ବିଦ୍ୟାଳୟର କେବଳ ୬ଷ୍ଠ ଶ୍ରେଣୀ ପାଇଁ ଓ ୨୦୧୭-୧୮ ମସିହାରେ ଖୋଲିବାକୁ ଯାଉଥିବା ୬୦ଗୋଟି ଆଦର୍ଶ ବିଦ୍ୟାଳୟର ୬ଷ୍ଠ ଓ ୭ମ ଶ୍ରେଣୀରେ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରବେଶିକା ପରୀକ୍ଷାର ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ୪୦ ଜଣ ଛାତ୍ର ଓ ୪୦ ଜଣ ଛାତ୍ରୀ ଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ସେମାନଙ୍କର ଉତ୍କର୍ଷତା / ଯୋଗ୍ୟତା ଭିତ୍ତିରେ ଦିବାଧାୟୀ ( Day Scholar ) ଭାବରେ ଛାତ୍ର ଛାତ୍ରୀ ମାନେ ଏହି ବିଦ୍ୟାଳୟ ରେ ଅଧ୍ୟୟନ କରିବେ । କେଉଁ କେଉଁ ବିଦ୍ୟାଳୟରେ ହଷ୍ଟେଲ ଖୋଲାଯିବ ଓ କେତେ ସଂଖ୍ୟାରେ ଛାତ୍ରଛାତ୍ରୀ ଗ୍ରହଣ କରାଯିବ ତାହା ପରବର୍ତ୍ତୀ ସମୟରେ ଆଦର୍ଶ ବିଦ୍ୟାଳୟ ଗୁଡିକୁ ସୂଚାଇ ଦିଆଯିବ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡିବ ନାହିଁ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୩.୦୩.୨୦୧୭ । ଆଗ୍ରହୀ ଛାତ୍ର ଛାତ୍ରୀ ମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଫର୍ମରେ ( ଯାହା ୱେବ୍ସାଇଟ ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ / ବ୍ଲକ ଶିକ୍ଷା ଅଧିକାରୀ ଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଉକ୍ତ ପ୍ରବେଶିକା ପରୀକ୍ଷା ତା : ୨୭.୦୩.୨୦୧୭ ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ www.oavs.in ୱେବସାଇଟ ରୁ ମିଳିପାରିବ । ଛାତ୍ର ଛାତ୍ରୀ ମାନେ ଯେଉଁ ବ୍ଲକରେ ଯେଉଁ ବିଦ୍ୟାଳୟରେ ପଢିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତ ରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀ ମାନେ ନିର୍ଦ୍ଦିଷ୍ଟ ପ୍ରମାଣ ପତ୍ର ସହ ଆବେଦନ କରିବେ । ଚଳିତ ବର୍ଷ ବ୍ଲକ ମାନଙ୍କରେ ଖୋଲିବାକୁ ଯାଉଥିବା ବିଦ୍ୟାଳୟର ତାଲିକା ୱେବସାଇଟ ରେ ଉପଲବ୍ଧ ଅଟେ ।

ସ୍ୱା

ଶ୍ରୀ ରତ୍ନାକର ରାଉତ
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡିଶା ଆଦର୍ଶ ବିଦ୍ୟାଳୟ